## ବାଲ୍ୟ ବିବାହ ବନ୍ଦ କଲା ଚାଇଲ୍ଡଲାଇନ

ଖଇରା, (ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ମାଖନପୁର ପଞ୍ଚାୟତ ଅଧୀନ ଖିରିପଦା ଗ୍ରାମରେ ଏକ ବାଲ୍ୟ ବିବାହ ଲାଗି ପ୍ରସ୍ତୁତି ଚାଲିଥିବା ବେଳେ ଖଇରା ଚାଇଲ୍ଡଲାଇନ ପୋଲିସ ସହାୟତାରେ ବନ୍ଦ କରିଛି । ୧୪ବର୍ଷର ଝିଅ ୧୮ହେବା ପରେ ବିବାହ ଆୟୋଜନ କରିବାକୁ ପିତା ଶେଖ ସାଫିରୁଦ୍ଦିନ ଲିଖିତ ପ୍ରତିଶ୍ରୁତି ଦେବା ପରେ ପୋଲିସ ଓ ଚାଇଲ୍ଡଲାଇନ ସଦସ୍ୟ ଫେରିଥିଲେ।ମୁସଲିମ ବସ୍ତିର ଜଣେ ନାବାଳିକାଙ୍କ ବିବାହ ଲାଗି ଶନିବାର ଧାର୍ଯ୍ୟ ହୋଇଥିଲା। ବିବାହ ଆରମ୍ଭ ହେବା ପରେ ଖଇରା ଚାଇଲ୍ଡଲାଇନ ସଦସ୍ୟା ତପସ୍ୱିନୀ ରାଉତ, ସଦସ୍ୟ ପଞ୍ଚାନନ ତ୍ରିପାଠୀ ଓ ଜ୍ୟୋତି ପ୍ରକାଶ କର ପହଞ୍ଚି ବିବାହକୁ ବନ୍ଦ କରିଥିଲେ ।

## ସଂକ୍ଷେପରେ

### ବନ୍ଦ ହେଲା ଶିମିଳିପାଳ ଅଭୟାରଣ୍ୟ

ବାରିପଦା ଅଫିସ, ୨।୫: କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଶନିବାରଠାରୁ ବନ୍ଦ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ଏବଂ ପାଦଦେଶରେ ବସବାସ କରୁଥିବା ଗ୍ରାମବାସୀଙ୍କୁ କରୋନା ସଂକ୍ରମଣ ହେବାର ଆଶଙ୍କା ପରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପ୍ରବେଶ ବନ୍ଦ କରାଯାଇଛି। କରୋନା ସଂକ୍ରମଣ ରୋକିବା ପାଇଁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକ ଏମ୍. ଯୋଗମାୟା ନନ୍ଦଙ୍କ ଦ୍ୱାରା ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ବନ୍ଦ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ତେବେ ପର୍ଯ୍ୟଟକମାନଙ୍କ ପାଇଁ ଶିମିଳିପାଳର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମନୋରମ ଦୃଶ୍ୟକୁ ଉପଭୋଗ କରିବା ପାଇଁ ପ୍ରତିବର୍ଷ ନଭେମ୍ବର ପହିଲାରୁ ଜୁନ ଶେଷ ପର୍ଯ୍ୟନ୍ତ ଖୋଲାଯାଇଥାଏ। ତେବେ ଚଳିତବର୍ଷ କରୋନା ସଂକ୍ରମଣ ଜିଲା ତଥା ଦେଶରେ ତୀବ୍ର ଗତିରେ ବୃଦ୍ଧି ପାଉଥିବାରୁ ନିର୍ଦ୍ଧାରିତ ସମୟର ୨ମାସ ପୂର୍ବରୁ ଶିମିଳିପାଳ ଅଭୟାରଣ୍ୟ ବନ୍ଦ କରାଯାଇଛି।

### କରୋନାରେ ଆଖି ବୁଜିଲେ ଅବସରପ୍ରାପ୍ତ ଶିକ୍ଷକ

ଔପଦା, ୨।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଗଡଖାଇ ପଞ୍ଚାୟତ ଦରଖୋଳି ଗାଁର ଅବସରପ୍ରାପ୍ତ ଶିକ୍ଷକ ସୃଷ୍ଟିଧର ପଲେଇ କରୋନାରେ ଆକ୍ରାନ୍ତ ହୋଇ ଆଖି ବୁଜିଛନ୍ତି। ସେ ନିଜ ଗାଁ ଦରଖୋଳି ନୋଡାଲ ସ୍କୁଲରେ ସେ ୪୪ବର୍ଷ ଶିକ୍ଷକତା କରି ସମାଜସେବା ସହିତ ଜଡିତ ଥିଲେ। ଗତ ୨୦୧୪ ରୁ ୧୬ ପର୍ଯ୍ୟନ୍ତ ସେ ଡେପୁଟେଶନରେ ଔପଦା ନୋଡାଲ ସ୍କୁଲର ପାର୍ଟଟାଇମ ଖେଳ ଶିକ୍ଷକ ଭାବେ ଦାୟିତ୍ୱରେ ଥିଲେ। ଦରଖୋଳି ନୋଡାଲ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଲେଇ ଗତ ୨୦୧୯ ଫେବୃୟାରୀ ୨୮ରେ ଚାକିରିରୁ ଅବସର ନେଇଥିଲେ। ଗତ ୨୮ ତାରିଖରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର କରୋନା ପଜିଟିଭ୍ ବାହାରିବାରୁ ତାଙ୍କୁ ସ୍ୱତନ୍ତ୍ର କୋଭିଡ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଶନିବାର ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଔପଦା ଅଞ୍ଚଳର ଶୋକର ଛାୟା ଖେଳିଯାଇଛି।

### କଣ୍ଟେନମେଣ୍ଟ ଜୋନ୍ ଘୋଷଣା

ଭଣ୍ଡାରିପୋଖରୀ, ୨।୫ (ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଦକ୍ଷିଣବାଡ଼ ପଞ୍ଚାୟତର ଜେନାସାହି ଓ ପାଟୁଲି ପଞ୍ଚାୟତର ଖରଦାସାହିରୁ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଦୁଇ ସାହିକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

### ପ୍ଲାଜମା ଦାନ କଲେ ଅଗ୍ନିଶମ କର୍ମଚାରୀ

ବନ୍ତ,୨।୫(ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଅଗ୍ନିଶମ କେନ୍ଦ୍ରର ଡ୍ରାଇଭର ହାବିଲଦାର ସିଦ୍ଧିଲାଲ ମୁର୍ମୁ ପ୍ଲାଜମା ଦାନ କରିଛନ୍ତି। ଗତବର୍ଷ ସେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିଲେ। ଆଗରପଡ଼ା ଅଗ୍ନିଶମ କେନ୍ଦ୍ର ଅଧିକାରୀ ସଞ୍ଜିବ ପ୍ରଧାନ ଓ ସମସ୍ତ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଗତ ୩୦ ତାରିଖରେ ପ୍ଲାଜମା ଦାନ କରି ପ୍ରମାଣପତ୍ର ପାଇଥିବା ଅଧିକାରୀ ପ୍ରଧାନ କହିଛନ୍ତି।

### ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ରୂପ୍‌ସା, ୨।୫(ଡି.ଏନ.ଏ.): ରୂପ୍‌ସା ଥାନା ହୀରାପୁର ଗ୍ରାମ ନିକଟ ଏକ ଚାଷଜମିରୁ ପୋଲିସ ରବିବାର ଜଣେ ବିବାହିତା ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଛି। ତାଙ୍କ ବୟସ ୩୫ରୁ ୪୦ ବର୍ଷ ହେବ। ପରିଚୟ ଜଣାପଡ଼ିନାହିଁ। ପୋଲିସ ଅପମୃତ୍ୟୁ ମାମଲା(ନଂ. ୯/୨୧) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ହତ୍ୟାକାଣ୍ଡ କି ଆତ୍ମହତ୍ୟା ତଦନ୍ତ ପରେ ଜଣାପଡ଼ିବ ବୋଲି ଥାନାଧିକାରୀ କମଳାକାନ୍ତ ଦାସ କହିଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

ଠାକୁରମୁଣ୍ଡା, ୨।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ବାଗଦଫା ଗ୍ରାମ ତୁରୀ ସାହିର ଜଣେ ମହିଳା ରବିବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ୬ ରେଳ ଫାଟକରେ ହେବ ଫ୍ଲାଏଓଭର

## ସର୍ଭେ ସରିଲା

ଜଳେଶ୍ୱର, ୨।୫(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ସବୁ ରେଳ ଫାଟକରେ ଫ୍ଲାଏଓଭର ନିର୍ମାଣ କରିବାକୁ ସିଦ୍ଧାନ୍ତ ନେଇଛି। ରେଳ ଫାଟକଗୁଡ଼ିକରେ ଜଗୁଆଳିଙ୍କ ଦରମା, ମରାମତି ପାଇଁ ବହୁ ଅର୍ଥ ବ୍ୟୟ ହେଉଥିବାରୁ ସେସବୁ ସ୍ଥାନରେ ଫ୍ଲାଏଓଭର ନିର୍ମାଣ ନେଇ ରେଲୱେ ବୋର୍ଡ ସବୁଜସଂକେତ ଦେଇଛି । ଜଗୁଆଳି ନ ଥିବା ଫାଟକରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏସବୁ ପୋଲ ରେଲୱେ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ହେବାର ସ୍ଥିର ହୋଇଛି। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ସ୍ଥାନ ଯୋଗାଇ ଦେବ ।

ବାଲେଶ୍ୱର ଜିଲା ଜଳେଶ୍ୱର ରେଳଷ୍ଟେଶନ ନିକଟ କପାସିଆ ରାସ୍ତା ୪୬ନଂ. ରେଳ ଫାଟକ , କୋବାଡିଆଠାରେ ୫୧ ନଂ, ଦେଉଳାଠାରେ ୪୩ନଂ, ଲକ୍ଷ୍ମଣନାଥ ରେଳ ଷ୍ଟେଶନ ନିକଟରେ ୪୨ ନଂ , ଓଲିନ୍ଦା ଠାରେ ୫୦ନଂ. ଓ ଶାନ୍ତିଆଠାରେ ୪୪ ନଂ. ରେଳ ଫାଟକଗୁଡ଼ିକରେ ଫ୍ଲାଏଓଭର ନିର୍ମାଣ ହେବା ସ୍ଥିର ହୋଇ ଅର୍ଥ ମଞ୍ଜୁର ହୋଇଛି । ଗତ ୩ଦିନ ତଳେ ରେଲୱେ ପକ୍ଷରୁ ଇଂ. ଅଜିତ୍ ପ୍ରସାଦ ମିଶ୍ର ଓ ବାଲେଶ୍ୱର ଜିଲାପାଳଙ୍କ ପକ୍ଷରୁ ଜଳେଶ୍ୱର ତହସିଲ ରାଜସ୍ୱ ସୁପରଭାଇଜର ଶୁଭେନ୍ଦୁ କୁମାର ସାହୁ, ଆରଆଇ ମାନସ କୁମାର ବେହେରା, ନିରୀକ୍ଷକ ଗୌରାଙ୍ଗ ଚନ୍ଦ୍ର ଜେନା ୬ଟି ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ରେଲୱେ ବୋର୍ଡର ଚିଠି ନଂ. ୪୭୪ ତା ୧୯।୪।୨୧ ଅନୁଯାୟୀ ଏପରି କାର୍ଯ୍ୟ ଆଗେଇ ଚାଲିଛି । ଜଳେଶ୍ୱର ୬ଟି ସ୍ଥାନରେ ନୂତନ ଭାବେ ଫ୍ଲାଏଓଭର ନିର୍ମାଣ ହେବା ଜଣାଯିବା ପରେ ଆନନ୍ଦ ଦେଖାଦେଇଛି । ଏସବୁ ବ୍ୟତୀତ ପୂର୍ବରୁ ଜଳେଶ୍ୱର ନୂଆବଜାରଠାରେ ୪୫ନଂ. ଓ ଚାଲନ୍ତିଠାରେ ୬୨ ନଂ. ରେଳ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି ।


ଦେଉଳା ୪୩ନଂ ଲେଭଲ କ୍ରସିଂ ।

# କାର୍ଯ୍ୟକ୍ଷମ ହେଲା ଜ୍ୟୋତି କୋଭିଡ୍ ହସ୍‌ପିଟାଲ

ବାଲେଶ୍ୱର ଅଫିସ, ୨।୫

ବାଲେଶ୍ୱର ଜିଲାରେ ଜ୍ୟୋତି କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶନିବାରଠାରୁ ଜିଲା ପ୍ରଶାସନ ଏହି ପଦକ୍ଷେପ ନେଇଛି। ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ରହିଛି। ସେଥିରୁ ୮୦ଟି ଅକ୍ସିଜେନ ସଂଯୋଗ ହୋଇଥିବା ବେଳେ ୨୦ଟି ଆଇସିୟୁ ରହିଛି। ସେହିଭଳି ଜ୍ୟୋତି କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେବାରୁ ସଂକ୍ରମିତଙ୍କୁ ଚିକିତ୍ସା କ୍ଷେତ୍ରରେ କୌଣସି ସମସ୍ୟା ରହିବ ନାହିଁ। ଜ୍ୟୋତି କୋଭିଡ୍ ହସ୍ପିଟାଲରେ ୯୦ଟି ଅକ୍ସିଜେନ ବିଶିଷ୍ଟ ଶଯ୍ୟା ରହିଥିବା ବେଳେ ୧୫ଟି ଆଇସିୟୁ ରହିଛି। ଜିଲାରେ ବର୍ତ୍ତମାନ ୩ଟି କୋଭିଡ୍ କେୟାର ସେଣ୍ଟର (ସିସିସି) କାର୍ଯ୍ୟକ୍ଷମ ରହିଥିବା ବେଳେ ଆଗାମୀ ସଂକ୍ରମଣକୁ ଦୃଷ୍ଟିରେ ରଖି ରେମୁଣାସ୍ଥିତ ସିପେଟ୍ ଓ ନୋସି, ସୋର, ଜଳେଶ୍ୱର, ନୀଳଗିରିସ୍ଥିତ ବଣଭୁଇଁ ଓ ତେଲିପାଳ ସ୍କୁଲରେ ପ୍ରସ୍ତୁତ ହୋଇରହିଛି ସିସିସି।

# ପୀଡ଼ିତାଙ୍କ ସ୍ୱାମୀ କୋର୍ଟଚାଲାଣ

ସୋର, ୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସିୁଙ୍ଗାଖୁଣ୍ଟା ପଞ୍ଚାୟତ କରଞ୍ଜବଣି ଗ୍ରାମରେ ଗତ ୨୯ତାରିଖ ମଧ୍ୟାହ୍ନରେ ଜଣେ ବଳାତ୍କାରୀଙ୍କୁ ପିଟି ହତ୍ୟା ଅଭିଯୋଗରେ ପୀଡିତାଙ୍କ ସ୍ୱାମୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ଏକୁଟିଆ ପାଇ ବସନ୍ତ ସିଂ ନାମକ ଯୁବକ ବଳାତ୍କାର ପରେ ଏକ କାଠ ବେଣ୍ଟରେ ପିଟି ଗୁରୁତର କରିଥିଲେ। ମହିଳାଙ୍କ ସ୍ୱାମୀ ଘରକୁ ଫେରିବା ପରେ ବସନ୍ତଙ୍କ ଗୋଡ ହାତ ବାନ୍ଧି ନିସ୍ତୁକ ପିଟି ଖରାରେ ପକାଇ ଦେଇଥିଲେ। ଗୁରୁତର ଥିବା ସ୍ତ୍ରୀଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଅନ୍ୟପଟେ ବସନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ସେହି ଗ୍ରାମର ଗଜେନ୍ଦ୍ର ସିଂ ମହିଳାଙ୍କ ସ୍ୱାମୀଙ୍କ ମାଡରେ ବସନ୍ତଙ୍କ ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ଗଜେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ ଭାରପ୍ରାପ୍ତ ଅଧିକାରିଣୀ ମଧୁମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ କେସ୍ ନଂ. ୧୭୮/୨୧ ଦଫା ୩୦୨ ଆଇପିସିରେ ମାମଲା ରୁଜୁ କରିଛନ୍ତି। ତଦନ୍ତକାରୀ ଅଧିକାରିଣୀ ଚିନ୍ମୁଲତା ଦାସ ବାଲେଶ୍ୱରରୁ ଆସିଥିବା ଫରେନସିକ୍ ଟିମ୍ ସହ ତଦନ୍ତ କରି ପୀଡିତାଙ୍କ ସ୍ୱାମୀଙ୍କ କୋଭିଡ୍ ଟେଷ୍ଟ ପରେ କୋର୍ଟଚାଲାଣ କରିଛନ୍ତି।

# ସଂକ୍ରମଣ ବଢୁଛି, ଲୋକେ ଛାନିଆ

ବୈଶିଙ୍ଗା,୨।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗା ଓ କେନ୍ଦୁଆ ପଞ୍ଚାୟତ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ସାଧାରଣରେ ଆତଙ୍କ ପ୍ରକାଶ ପାଇଛି। ଗତ ଏପ୍ରିଲ ମାସରେ କେବଳ କେନ୍ଦୁଆ ଓ ବୈଶିଙ୍ଗା ଗ୍ରାମରୁ ୨୦ରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିଲେ। ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମ ବଙ୍ଗ ରାଜ୍ୟରୁ ମଧ ବହୁ ସଂଖ୍ୟାରେ ପ୍ରବାସୀ ଶ୍ରମିକ ଘରକୁ ଫେରୁଥିବାରୁ ସେମାନଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବା ଓ ସଙ୍ଗରୋଧ କେନ୍ଦ୍ରରେ ରଖାଯିବାର କୌଣସି ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇନାହିଁ।

ଏଠାରେ ଥିବା ଡ଼ାକ୍ତରଖାନା, ଥାନା , ପଞ୍ଚାୟତ ଅଫିସ , ନେସ୍କୋ କାର୍ଯ୍ୟାଳୟ , ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଆକ୍ସିସ ବ୍ୟାଙ୍କ ଆଦି ଜନଗହଳି ସ୍ଥାନ ସମେତ ନିକଟରେ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିବା ଗୃହ ଗୁଡ଼ିକର ମଧ ସାନିଟାଇଜ କରାଯିବା ନିମନ୍ତେ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁନାହିଁ। ବୈଶିଙ୍ଗା ନିକଟସ୍ଥ ଡାହିବାଡ଼ି ସାପ୍ତାହିକ ହାଟ ବେତନଟୀ ବ୍ଲକ ଅଞ୍ଚଳରେ ସବୁଠାରୁ ବଡ଼ ହାଟ ବିବେଚିତ ହୋଇଥିବା ବେଳେ ପ୍ରତ୍ୟେକ ଶନିବାର ଓ ବୁଧବାର ଏଠାରେ ପ୍ରବଳ ଜନଗହଳି ହୋଇଥାଏ। ଶନିବାର ଏହି ହାଟରେ ପ୍ରାୟ ଦୁଇ ହଜାରରୁ ଅଧିକ ଜନଗହଳି ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ଦୋକାନୀମାନଙ୍କୁ ସାମାଜିକ ଦୂରତା ରକ୍ଷା କରିବା ଦିଗରେ ସଚେତନ କିମ୍ବା ତାଗିଦ କରାଯାଇ ନ ଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ଥିବା ଲକ୍ଷ୍ୟ କରାଯାଉଛି।

# ଦ୍ୱାରଶୁଣି ଘାଟିରେ ଦୁର୍ଘଟଣା: ୨ ଗୁରୁତର

ବାଙ୍ଗିରିପୋଷି,୨।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟୀ ରାସ୍ତାରେ ଶନିବାର ରାତିରେ ଦୁଇ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ହୋଇଛନ୍ତି। ବଡ଼ବିଲରୁ ଲୁହାପଥର ବୋଝେଇ କରି ଏକ ଟ୍ରକ୍ ଖଡ଼ଗପୁର ଯିବା ସମୟରେ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ଏକ ରନ୍ଧନ ଗ୍ୟାସ ବୋଝେଇ ଟ୍ରକ୍ ସହ ଧକ୍କା ହୋଇଥିଲା। ବାଙ୍ଗିରିପୋଷି ଦମକଳ ବାହିନୀ ପହଞ୍ଚି ଲୁହାପଥର ବୋଝେଇ ଟ୍ରକ୍‌ର ଚାଳକ ଓ ଖଲାସୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ଦୁର୍ଘଟଣା ପରେ ଘାଟି ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ବାଙ୍ଗିରପୋଷି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଗୋଟିଏ ଦିନରେ ୨ମୃତ, ୭୫ ଆକ୍ରାନ୍ତ

କେନ୍ଦୁଝର, ୨।୫ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାରେ କରୋନା ସ୍ଥିତି ସଙ୍ଗୀନ ହୋଇ ପଡୁଛି । ଯଦିଓ ଗତ ତିନି ଦିନ ହେଲା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଛି ତେବେ ମୃତ୍ୟୁ ସଂଖ୍ୟା ବଢୁଥିବାରୁ ଚିନ୍ତା ବଢୁଛି। ଗତ ୨୪ ଘଣ୍ଟା ମଧ୍ୟରେ ୨ଜଣଙ୍କ ମୃତ୍ୟୁ ହୋଇଥିବେଳେ ୭୫ ନୂଆ ପଜିଟିଭ ଚିହ୍ନଟ ହୋଇଛି। ସହରାଞ୍ଚଳରେ କରୋନା ଚେନ ଭାଙ୍ଗିବା ପାଇଁ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଥିବାବେଳେ ରାତ୍ରୀ କାଳୀନ କର୍ଫ୍ୟୁ ଲଗାଯାଇଥିଲା। ଆସନ୍ତା ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ୧୪ ଦିନିଆ ସରକାରଙ୍କ ଲକ୍‌ଡାଉନ୍ ଘୋଷଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଗତବର୍ଷ ମାର୍ଚ୍ଚ ଠାରୁ ଚଳିତବର୍ଷ ଏପ୍ରିଲ ସୁଦ୍ଧା ସମୁଦାୟ ମାସ୍କ ଚେକିଂ କରି ୯୯,୮୭,୪୦୦ ଟଙ୍କା ଫାଇନ ଆଦାୟ କରାଯାଇଥିବା ବେଳେ ସାମାଜିକ ଦୂରତା ବଜାୟ ନ ରଖିବାରୁ ୧,୧୨,୦୦୦ ଟଙ୍କା ଫାଇନ ଆଦାୟ ହୋଇଥିବା ପ୍ରଶାସନ ପକ୍ଷରୁ ଜଣାପଡିଛି ।

# ଗଣ୍ଡିବେଡରେ କରୋନା ସଚେତନତା ରାଲି



ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ବାହାରିଥିବା ସଚେତନତା ରାଲି।

ଖଇରା, ୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ବଜାରରେ କରୋନା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଉପସଭାପତି ଅଭିମନ୍ୟୁ ରାଉଳଙ୍କ ନେତୃତ୍ୱରେ ଏହି ରାଲି ଲଙ୍କେଶ୍ୱର ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ପୁନଶ୍ଚ ମନ୍ଦିର ନିକଟକୁ ଆସିଥିଲା। ପରେ ସଭାପତି ମଦନମୋହନ ମହଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଥପ୍ରାନ୍ତ ସଭାରେ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଦେବବ୍ରତ ଦାସ, ସଂଯୋଜକ ପଦ୍ମଲୋଚନ ଜେନା, ଉପଦେଷ୍ଟା ମନୋରଞ୍ଜନ ମହାନ୍ତି, ସୁଭାଷ ଚନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ମହାକୁଡ, ପୁରୁଷୋତ୍ତମ ମହାନ୍ତି ପ୍ରମୁଖ ଯୋଗଦେଇ କରୋନାରୁ ମୁକ୍ତି ପାଇବାକୁ ହେଲେ ସାମାଜିକ ଦୂରତା, ମାସ୍କ ପରିଧାନ ଓ ହାତ ଧୋଇବା ଦରକାର। ଆବଶ୍ୟକ ନ ହେଲେ ଘରୁ ନ ବାହାରିବାକୁ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ।

# ଅପହୃତା ନାବାଳିକା ଉଦ୍ଧାର

ପଦ୍ମପୁର, ୨।୫(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଅଞ୍ଚଳର ଅପହୃତା ନାବାଳିକାଙ୍କୁ ଶନିବାର ଅପରାହ୍ନରେ ପୋଲିସ ଉଦ୍ଧାର କରିଛି। ଗତ ୨୬ ତାରିଖରେ ନାବାଳିକାଙ୍କୁ ଆରଡ଼ି ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିବା ସାବରଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୯୭/୨୧) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ଉଦ୍ଧାର ପରେ ପୋଲିସ ନାବାଳିକାଙ୍କୁ ଭଦ୍ରକ ଆସିୟାନାକୁ ହସ୍ତାନ୍ତର କରିଛି। ସୋମବାର ତାଙ୍କର ଡାକ୍ତରୀ ପରୀକ୍ଷା ଓ ବୟାନ ରେକର୍ଡ କରାଯାଇ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ମମତା ସାହୁ ସୂଚନା ଦେଇଛନ୍ତି।

# ୫ଦିନ ଧରି ନାବାଳିକାଙ୍କୁ ବଳାତ୍କାର

ବାରିପଦା ଅଫିସ, ୨।୫

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୫ଦିନ ଧରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା(ନଂ. ୪୮/୨୧) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୫ତାରିଖ ରାତି ୧୦ଟାରୁ ୧୧ଟା ମଧ୍ୟରେ ସମସ୍ତେ ଖାଇସାରି ଶୋଇବା ପରେ ନାବାଳିକାଜଣକ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ମଧ ଝିଅକୁ ପାଇ ନ ଥିଲେ। ତେବେ ଉକ୍ତ ଅଞ୍ଚଳର କେତେଜଣ ପିଲା ଶୁକ୍ରବାର ଏକ ପାଣି ଟାଙ୍କି ନିକଟରେ ଖେଳୁଥିବା ବେଳେ ନାବାଳିକା ଜଣକ ଅସହାୟ ଅବସ୍ଥାରେ ପଡିଥିବା ଦେଖି ଗାଁଲୋକଙ୍କୁ ଜଣାଇଥିଲେ। ସ୍ଥାନୀୟ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ଜଣାଇଥିଲେ। ଚାନ୍ଦୁଆ ଥାନାଧିକାରୀ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ନାବାଳିକାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ପଠାଇଥିଲେ। ରଙ୍ଗାମାଟିଆ ଅଞ୍ଚଳର ବାହାଦୂର ଚପିଆର(୨୦) ପୀଡିତାଙ୍କୁ ୫ ଦିନ ଧରି ବଳାତ୍କାର କରିଥିବା ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ସଙ୍ଗରୋଧ କେନ୍ଦ୍ରରୁ ୩୪ ପ୍ରବାସୀ ଫେରାର

ସାରସକଣା, ୨।୫

ମୟୂରଭଞ୍ଜ ଜିଲା ଖାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରୁ ୩୪ ପ୍ରବାସୀ ଫେରାର ହୋଇଯାଇଛନ୍ତି। ସାରସକଣା ବିଡ଼ିଓ ସଂଗ୍ରାମ କେଶରୀ ଭୋଳ ୨ ଜଣ ପ୍ରବାସୀଙ୍କ ନାଁରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା(ନଂ.୧୦୬/୨୧) ରୁଜୁକରି ତଦନ୍ତ ଜାରି ରଖିଛି। ଫେରାର ସମସ୍ତ ପ୍ରବାସୀ ପଶ୍ଚିମବଙ୍ଗ ଫେରନ୍ତା ବୋଲି ସୂଚନା ମିଳିଛି।

କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ଓଡ଼ିଶା ପକ୍ଷରୁ ସୀମାନ୍ତରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପଶ୍ଚିମବଙ୍ଗରୁ ଫେରୁଥିବା ଲୋକମାନଙ୍କୁ ଖାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟରେ ଖୋଲାଯାଇଥିବା ସଙ୍ଗରୋଧ କେନ୍ଦ୍ରରେ ୭ଦିନ ପାଇଁ ରଖିବାର ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ଏହି ସଙ୍ଗରୋଧ କେନ୍ଦ୍ରରୁ ୨ ପଶ୍ଚିମବଙ୍ଗ ଫେରନ୍ତା ଫେରାର ହୋଇଯାଇଥିଲେ। ଗଣମାଧ୍ୟମ ଚାପରେ ଘଟଣାର ୨୪ ଘଣ୍ଟା ପରେ ବିଡିଓ ଥାନାରେ ଏତଲା ଦେଇଥିଲେ। ପରେ ଆଉ ୩୨ ଜଣ ପ୍ରବାସୀ ମଧ ସେଠାରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ବିଡିଓଙ୍କୁ ପଚାରିବାରୁ ସେ ଜାଣି ନାହାନ୍ତି ବୋଲି କହିଛନ୍ତି। ପିଡି ଡିଆରଡିଏ ଭବେଶ କୁମାର ନାୟକଙ୍କୁ ପଚାରିବାରୁ ୩୨ଜଣ ଫେରାର ହେବା ସମ୍ବନ୍ଧରେ ମୁଁ ଅବଗତ ଅଛି। ଏ ବାବଦରେ ଥାନାରେ ଲିଖିତ ଅଭିଯୋଗ ଦେବାକୁ ବିଡ଼ିଓଙ୍କୁ କହିଛି, ମାତ୍ର ସେ କ'ଣ ପାଇଁ ଏତଲା ଦେଇନାହାନ୍ତି ପଚାରି ବୁଝିବେ ବୋଲି କହିଛନ୍ତି।

# ଗୋରୁ ବୋଝେଇ ପିକ୍‌ଅପ୍ ଜବତ

ରୂପ୍‌ସା, ୨।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥରେ ନିୟମିତ ବେଆଇନ ଗୋଚାଲାଣ ଯୋଗୁ ଉତ୍ତେଜନା ଲାଗି ରହିଛି। ବସ୍ତା ଥାନା ପୋଲିସ ରବିବାର ରାଜପଥର ମଥାନୀ ବାଇପାସ୍‌ଠାରୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ କରିଛି। ସେଥିରେ ଥିବା ୯ଟି ଗୋରୁକୁ ଉଦ୍ଧାର କରି ବାଲେଶ୍ୱର ଗୋ–ଶାଳା ଜିମାରେ ରଖାଯାଇଛି। ଏନେଇ ପୋଲିସ ମାମଲା (ନଂ. ୧୫୦/୨୧) ରୁଜୁ କରି ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରିଛି। ଏହି ଭ୍ୟାନ ଯାଜପୁରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା।

# କଟକଣା ମାନୁନାହାନ୍ତି ଲୋକେ

କେନ୍ଦୁଝର,୨।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ସହରାଞ୍ଚଳ ତଥା ବ୍ଲକ ମୁଖ୍ୟାଳୟରେ କରୋନା ସଚେତନତା କରାଯାଉଛି କିନ୍ତୁ ଗ୍ରାମାଞ୍ଚଳରେ ତାହା କରାଯାଉ ନ ଥିବାରୁ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାର ଆଶଙ୍କା ରହିଛି। ଅନେକ ବ୍ଲକ୍‌ରେ ସରକାରୀ ବାବୁ ମାନେ ଆଖପାଖ ଅଞ୍ଚଳ ବୁଲି ପ୍ରଶାସନକୁ ଖୁସି କରିବା ପାଇଁ ଧରପଗଡ଼ କରି ଦାୟିତ୍ୱ ଶେଷ କରୁଥିବା ବେଳେ ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରିବା ବା ଗରିବ ଲୋକଙ୍କୁ ସହାୟତା କରିବା ପାଇଁ ଯାଉ ନ ଥିବାରୁ ଅସନ୍ତୋଷ ବଢୁଛି।

ବିଶେଷ କରି ବାଂଶପାଳ ବ୍ଲକରେ ଭୂୟାଁ ଓ ଜୁଆଙ୍ଗ ପୀଢ ଅଞ୍ଚଳ ମୁକୁଳା ପଡିଥିବା ବେଳେ ଅନେକ କରୋନା ସମ୍ପର୍କରେ ଜାଣି ନାହାନ୍ତି। ଟିଭି ରେଡିଓ ଆଦି ବୈଦ୍ୟୁତିକ ଉପକରଣ ନ ଥିବାରୁ ଏବେବି ସେମାନେ ସଚେତନ ନାହାନ୍ତି। ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ରକ୍ଷା କରିବା ଜାଣି ପାରୁ ନ ଥିବାବେଳେ ହାଟବଜାରରେ ବିନା ମାସ୍କରେ ବୁଲୁଥିବାରୁ ପରିସ୍ଥିତି ଗୁରୁତର ହେବା ଆଶଙ୍କା ରହିଛି। ଏପରିକି ଉପଯୁକ୍ତ ତଦାରଖ ଅଭାବରୁ ବାହାରୁ ଆସୁଥିବା ଲୋକଙ୍କୁ ଚିହ୍ନଟ କରି କ୍ୱାରାଣ୍ଟାଇନରେ ରଖିବାର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ପରିସ୍ଥିତି ଗୁରୁତର ହେବା ଆଶଙ୍କା ରହିଛି। ଏପରିକି ଗୋନାସିକା ସାପ୍ତାହିକ ହାଟ ତଥା ଗ୍ରାମାଞ୍ଚଳରେ ବିନା ମାସ୍କ ଓ ସାମଜିକ ଦୂରତ୍ୱ ରକ୍ଷାରେ ଲୋକମାନେ ବୁଲୁଥିବା ଦେଖିବାକୁ ମିଳିଛି। ସେହିପରି ଗନ୍ଧମାର୍ଦ୍ଦନ ଖଣିକୁ ଆସୁଥିବା ଜିଲା ତଥା ରାଜ୍ୟ ବାହାରର ଶହ ଶହ ଟ୍ରକ ଚାଳକ ଓ ହେଲପରଙ୍କ ପ୍ରତି ନଜର ରଖାଯାଉ ନ ଥିବାରୁ ଖଣି ଅଞ୍ଚଳରେ କରୋନା ବ୍ୟାପିବାର ଆଶଙ୍କା ରହିଛି। ଏଥିପ୍ରତି ଟ୍ରକ ସଂଘ କିମ୍ବା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉନଥିବାରୁ କରୋନା ସଂକ୍ରମଣ ଭୟାବହତାକୁ ନେଇ ସ୍ଥାନୀୟ ଟ୍ରକ ମାଲିକ ଏବଂ ଲୋକ ଚିନ୍ତାପ୍ରକଟ କରିଛନ୍ତି। ଟ୍ରକ ପାର୍କିଂ ୟାର୍ଡରେ ଟୋକନ ପାଇଁ ଟ୍ରକ ଚାଳକ ଏବଂ ମାଲିକଙ୍କ ପ୍ରବଳ ଭିଡ ଜମୁଛି। ତେବେ ଏ ନେଇ ଅଭିଯୋଗ ହେଲେ ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ପରିସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି।


ସଚେତନତା ଅଭାବରୁ ପିଲାମାନେ ବିନା ମାସ୍କରେ ବୁଲୁଛନ୍ତି।

## ଆଦିବାସୀ ଅଞ୍ଚଳରେ ସଚେତନତା ଅଭାବ

# ୨ ଦିନରେ ୩୪୬ ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ ଅଫିସ, ୨।୫

ଭଦ୍ରକ ଜିଲାରେ ଶନିବାର ଓ ରବିବାର ଦୁଇଦିନରେ ୩୪୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯ ହଜାର ୧୫୨ ଛୁଇଁଥିବା ବେଳେ ୮ ହଜାର ୧୪୦ ସୁସ୍ଥ ହୋଇଛନ୍ତି। ଏବେ ୯୮୩ ସକ୍ରିୟ କେଶ୍ ରହିଛି। ସେହିପରି ଦୁଇଦିନ ମଧ୍ୟରେ ଜଣେ ରୋଗୀଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

## ରାଣୀତାଲ ବଜାରରେ ଜଳିଗଲା ୬ ଦୋକାନ

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ରାଣୀତାଲ ବଜାରରେ ଅଗ୍ନିକାଣ୍ଡ ଘଟି ୬ ଦୋକାନ ଜଳିଯାଇଛି। ଏଥିରେ ପ୍ରାୟ ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଭଦ୍ରକରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବଜାରରେ ଥିବା ଲୁଗା ଦୋକାନ, ମୋବାଇଲ ଦୋକାନ, ଷ୍ଟେଶନେରି, ଟେଲର ଦୋକାନ ଆଦି ଜଳିଯାଇଥିବା ଜଣାପଡ଼ିଛି। ବିଦ୍ୟୁତ୍ ଶର୍ଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

## ସଂକ୍ଷେପରେ

### ଆଖଣ୍ଡଳମଣି ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ

**ଆରଡ଼ି,୨।୫ (ଡି.ଏନ.ଏ.):** କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ନେଇ ଘୋଷଣା କରାଯାଇଛି। ଶନିବାର ସନ୍ଧ୍ୟାଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହା ଘୋଷଣା ହୋଇଛି। କେବଳ ସେବାୟତମାନେ ଯଥାବିଧି ମନ୍ଦିର ପ୍ରବେଶ କରିବା ସହ ପୂଜାର୍ଚ୍ଚନା କରିପାରିବେ ବୋଲି ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ପିତାମ୍ବର ସାମଲ ସୂଚନା ଦେଇଛନ୍ତି।

### କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

**ବାଲେଶ୍ୱର ଅଫିସ, ୨।୫:** ବାଲେଶ୍ୱର ସହର ସହଦେବଖୁଣ୍ଟା ଅଞ୍ଚଳରେ ଶନିବାର ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ୧କେଜି ୩୭୦ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ମୂଲ୍ୟ ୧ କୋଟିର ଊର୍ଦ୍ଧ୍ୱ ହେବ। ଏହି କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସହଦେବଖୁଣ୍ଟା ଅଞ୍ଚଳରେ ବ୍ରାଉନସୁଗାର କାରବାର ଚାଲିଥିବା ଖବରପାଇ ଭୁବନେଶ୍ୱର ଏସ୍‌ଟିଏଫ ଟିମ୍ ଚଢ଼ାଉ କରିଥିଲା। ୨ଜଣଙ୍କୁ ଗିରଫ କରାଯିବା ପରେ ସେମାନଙ୍କଠାରୁ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଏନଡିପିଏସ ଅଧିନିୟମ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ହୋଇଥିବା ୨ ଅଭିଯୁକ୍ତ ଅନ୍ୟ ଅପରାଧିକ କାର୍ଯ୍ୟରେ ମଧ୍ୟ ଲିପ୍ତ ଥିବା ଜଣାପଡ଼ିଥିବା ବେଳେ ଏସ୍‌ଟିଏଫ୍ ତଦନ୍ତ ଜୋରଦାର କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

### ପାଲାଗାୟକଙ୍କ ପରଲୋକ

**ପଦ୍ମପୁର, ୨।୫(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଆର୍ତ୍ତ ପଞ୍ଚାୟତ ନାଥସାହିର ବରିଷ୍ଠ ପାଲାଗାୟକ ରତିକାନ୍ତ ନାଥ(୭୨)ଙ୍କ ପରଲୋକ ଘଟିଛି। ଓଡ଼ିଶାର ଲୋକ ସଂସ୍କୃତି, ଭାଷା ଓ ଐତିହ୍ୟ ପରମ୍ପରାକୁ ନେଇ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ପାଲା ପରିବେଷଣ କରିଆସୁଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ସରପଞ୍ଚଙ୍କ ପ୍ରତିନିଧି ଗୌତମ ସେଠୀ, କଂଗ୍ରେସ ନେତା ଅଶୋକ ଦାସ ଓ ବାସୁଦେବପୁର ପ୍ରେସ୍ କ୍ଲବର ସମସ୍ତ ସଭ୍ୟ ଶେଷ ଦର୍ଶନ କରିଥିଲେ।

### ଢେଙ୍କିକୋଟ ସାପ୍ତାହିକ ହାଟ ବନ୍ଦ

**ଢେଙ୍କିକୋଟ, ୨।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ସାପ୍ତାହିକ ହାଟ ରାଜ୍ୟର ସର୍ବବୃହତ୍ତ ସାପ୍ତାହିକ ହାଟ ଢେଙ୍କିକୋଟ ସରପଞ୍ଚ ଗୌରୀ ବାରିକ ଗତ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟରେ ପତ୍ରସଂଖ୍ୟା ୬୨/୨୦୨୧ ଯୋଗେ ହାଟକୁ ବନ୍ଦ କରିଛନ୍ତି। ଆସନ୍ତା ୮ତାରିଖରେ ହେବାକୁ ଥିବା ହାଟକୁ ବନ୍ଦ ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ଢେଙ୍କିକୋଟରେ ହୁ ହୁ ହୋଇ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିଚାଲିଥିବାରୁ ଏହି ନିଷ୍ପତ୍ତି ନେଇଛନ୍ତି।

### ଶିକ୍ଷାବିତ୍‌ଙ୍କ ପରଲୋକ

**ଭଣ୍ଡାରିପୋଖରୀ, ୨।୫ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ, ନଗୁଁଆର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷିକେଶ ମହାପାତ୍ର (୮୦)ଙ୍କ ରବିବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ଉଦ୍ୟମରେ ଭଣ୍ଡାରିପୋଖରୀ ଶିକ୍ଷକ ସଂଘ



ଗୃହ 'ଗୁରୁକୁଳ ଭବନ' ପ୍ରତିଷ୍ଠା ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର କନ୍ୟା ଭାଜପାର ଭଦ୍ରକ ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଜ୍ୱାଇଁ ପ୍ରକାଶ ମହାପାତ୍ର, ନାତି କ୍ଷୀରୋଦ ମହାପାତ୍ର, ଇଂ. ଅଂଶୁମାନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିଜ ଗ୍ରାମରେ ଅନ୍ତିମ ସଂସ୍କାର କରାଯାଇଛି। ଭାଜପା ନେତା ମନମୋହନ ସାମଲ, ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ, ବଦ୍ରିନାରାୟଣ ଧଳ, ଭାଜପାର ଜିଲା ସଭାପତି ହେମନ୍ତ ପାଢ଼ୀ, କଂଗ୍ରେସ ଜିଲା ସଭାପତି ସୁବ୍ରତ ଦାସ, ସରପଞ୍ଚ କମଳ କୁମାର ନନ୍ଦ, ରବିନାରାୟଣ ମହାପାତ୍ରଙ୍କ ସମେତ ବହୁ ଶିକ୍ଷକ ନେତା, ଶିକ୍ଷକ ଶୋକ ପ୍ରକାଶ କରିଛନ୍ତି।

# ବଜ୍ରପାତରେ ଜଳିଗଲା ଗଛ, ୨୯ ବଖରା

**ପାଟଣା/ହାଟଡିହୀ/ରୂପସା/ଭଦ୍ରକ ଅଫିସ, ୨।୫(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନର ବଜ୍ରପାତ ଘଟି ଗଛ ସହ ୨୯ ବଖରା ଜଳିଯାଇଛି। କେନ୍ଦୁଝର ପାଟଣା ବ୍ଲକରେ ରବିବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ବୁଢ଼ୀକାପୁଡି ମହାନ୍ତ ସାହିରେ ବଜ୍ରପାତ ହୋଇଛି। ଉକ୍ତ ଗ୍ରାମର ଲକ୍ଷ୍ମୀଧର ମହାନ୍ତଙ୍କ ପଡ଼ିଆରେ ଥିବା ଏକ କଞ୍ଚା ମହୁଲ ଗଛ ଉପରେ ବଜ୍ରପାତ ହେବାରୁ ଗଛଟି ସମ୍ପୂର୍ଣ୍ଣ ଜଳିଯାଇଛି। ପାଟଣା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସେହିପରି ହାଟଡିହୀ ବ୍ଲକ ଅଁରା ପଞ୍ଚାୟତ ମଧୁରଗଡିଆ ଗ୍ରାମରେ ଗତ ଶନିବାର ରାତିରେ ବଜ୍ରପାତ ଘଟି ୩ବଖରା ପୋଡ଼ିଯାଇଛି। ବଜ୍ରପାତରେ ହଠାତ ନିଆଁ ଲାଗିବାରୁ ପରିବାର ଲୋକ ଭୟରେ ବାହାରକୁ ପଳାଇ ଆସିଥିଲେ। ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଧରଣୀଧର ଶଙ୍ଖୁଆ ଓ ନିତ୍ୟାନନ୍ଦ ଶଙ୍ଖୁଆ ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ବାଲେଶ୍ୱର



ପାଟଣାରେ ଜଳି ଯାଇଥିବା ମହୁଲ ଗଛ।



ବାଲେଶ୍ୱର ଜିଲା ରୂପସାରେ ଜଳିଯାଉଥିବା ଏକ ଘର।

ଜିଲା ବସ୍ତା ଥାନା ଅଧୀନ କୁଡ଼ିଆ ଗ୍ରାମର ଗୋପାଳ ଜେନାଙ୍କ ୬ ବଖରା ବାସଗୃହ ବଜ୍ରପାତରେ ଅଗ୍ନିକାଣ୍ଡ ଘଟି ଭସ୍ମୀଭୂତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଚାହୁଁ ଚାହୁଁ ଘରଗୁଡିକ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦମକଳବାହିନୀ ଓ ଗାଁ ଲୋକେ ମିଶି ନିଆଁକୁ ଆୟତ୍ତ କରିଥିଲେ। ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକେ ଓ ଗୋରୁଗାଈ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତ ଗୋପସାହିରେ ୨୦ ବଖରା ଘର ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ୧୧ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ଶୁକ୍ରବାର ରାତିରେ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଘରଗୁଡ଼ିକରେ ନିଆଁ ଲାଗିଯାଇଥିଲା। ଘରଗୁଡ଼ିକ ଲାଗି ରହିଥିବାରୁ ଚାହୁଁ ଚାହୁଁ ନିଆଁ ବ୍ୟାପି ଯାଇଥିଲା। ଘରେ ନିଆଁ ଲାଗିବା ଦେଖି ପରିବାର ଲୋକ ବାହାରକୁ ଚାଲି ଆସିଥିଲେ। ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ସ୍ଥାନୀୟ ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରେ ଗ୍ରାମର କୃପାସିନ୍ଧୁ ଖୁଣ୍ଟିଆ, ନରହରି ଖୁଣ୍ଟିଆ, ବିଷ୍ଣୁ ମୋହନ ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପ୍ରମୁଖଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି।

# କାଳବୈଶାଖୀରେ ଭାଙ୍ଗିଲା ଘର

**ହାଟଡିହୀ/ପାଟଣା,୨।୫(ଡି.ଏନ.ଏ. ସ୍ୱ. ପ୍ର.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ବିଭିନ୍ନ ଅଞ୍ଚଳରେ ରବିବାର ଅପରାହ୍ନରେ କାଳ ବୈଶାଖୀ ତାଣ୍ଡବ ରଚିଛି । ଅନେକ ସ୍ଥାନରେ ଘର ଛପର ଉଡି ଯାଇଥିବା ବେଳେ ବଡ଼ ବଡ଼ ଗଛ ସହ ୬୩ କେଭି ଟ୍ରାନ୍ସଫର୍ମର ଉପୁଡି ପଡିଛି । କେତେକ ଦୋକାନ ଘର ଛପର ଉଡି ଯାଇ ଦୋକାନ ଭିତରେ ପାଣି ପଶି ଯାଇଥିଲା । ସାମାନ୍ୟ ବର୍ଷାରେ ଜନ ଜୀବନ ଆଶ୍ୱସ୍ତ ହୋଇଛି। ସେହିପରି ସାହାରପଡା ଓ ପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଘର ଛପର ଉଡିଯିବା ସହ ଗଛ ଭାଙ୍ଗି ପଡିଥିଲା। ଖଡିକାପଦା ପଞ୍ଚାୟତର ଗୋହିରା ସାହିରେ କାଳ ବୈଶାଖୀ ଯୋଗୁ ପବନ ଓ କୁଆପଥର ମାଡ଼ରେ ପିତାମ୍ବର ମହାନ୍ତଙ୍କ ୬ବଖରା ଆଜବେଷ୍ଟସ ସମ୍ପୂର୍ଣ ଉଡ଼ିଯାଇଥିବା ବେଳେ ଖଡିକା ପଦା ଗାଁର ଲକ୍ଷ୍ମୀଧର ମୁଣ୍ଡାଙ୍କ ୩ ବଖରା ଆଜବେଷ୍ଟସ ଉଡ଼ିଯାଇଛି। ଖୁବ ଶୀଘ୍ର କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।




ହାଟଡିହୀରେ ଉପୁଡ଼ି ପଡ଼ିଥିବା ୬୩ କେଭି ଟ୍ରାନ୍ସଫର୍ମର।

# କଟକଣାରେ ପାଳନ ହେଲା ଶ୍ରମିକ ଦିବସ




ଫାଣ୍ଡି ଛକରେ ଶ୍ରମିକ ଦିବସ ପାଳନ କରାଯାଉଛି।

**ବାଲେଶ୍ୱର ଅଫିସ,୨।୫**

ବାଲେଶ୍ୱର ଜିଲାରେ କରୋନା କଟକଣା ମଧ୍ୟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଟିୟୁଏସିସି ତରଫରୁ ପତାକା ଉତ୍ତୋଳନ ଓ ଶ୍ରମିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସହରସ୍ଥିତ ଫାଣ୍ଡି ଛକରେ ରିକ୍ସା ଚାଳକ ସଂଘ ଅଫିସ୍ ସମ୍ମୁଖରେ ପୂର୍ବତନ ବିଧାୟକ ତଥା ଟିୟୁଏସିସିର ପ୍ରତିଷ୍ଠାତା ଅଧ୍ୟକ୍ଷ ଅରୁଣ ଦେ ଶନିବାର ପୂର୍ବାହ୍ନରେ ପତାକା ଉତ୍ତୋଳନ କରିଥିଲେ। ସେହିପରି ପଡୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନ ସମ୍ମୁଖରେ ଏଆଇଟିୟୁସି ତରଫରୁ ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଲାଲପତାକା ଉତ୍ତୋଳନ କରିଥିଲେ। ମାଲଗୋଦାମ ମୋଟିଆ ସଂଘ ତରଫରୁ ଲାଲ୍ ପତାକାକୁ ଏଆଇଟିୟୁସିର ଜିଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା ଉତ୍ତୋଳନ କରିଥିଲେ। ଚାନ୍ଦିପୁର ନୂଆସଡ଼କ ଛକ ନିକଟରେ ଡିଫେନ୍ସ କଣ୍ଟ୍ରାକ୍ଟସ ୱାର୍କର୍ସ ୟୁନିୟନ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଟିୟୁସି ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଆଇଟିୟୁସିର ଜାତୀୟ ପରିଷଦ ସଦସ୍ୟ ତଥା ୟୁନିୟନ ସଭାପତି କମ୍ରେଡ଼ ଜୟନ୍ତ ଦାସ ଲାଲ ପତାକା ଉତ୍ତୋଳନ କରି ମଇ ଦିବସର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଉଠାଜଳସେଚନ କର୍ମଚାରୀ ଭବନରେ ମିଳିତ ଶ୍ରମିକ ସମାରୋହ ଅନୁଷ୍ଠିତ ହୋଇଥିଲା। ଟିୟୁଏସିସିର ସାଧାରଣ ସମ୍ପାଦକ ପାଣିଗ୍ରାହୀ ମେ' ପହିଲାରେ ଲାଲ୍ ଝଣ୍ଡାର ଜନ୍ମ ଇତିହାସ ଓ ଗତ ୧୯୭୫ରେ ପ୍ରତିଷ୍ଠିତ ଶ୍ରମିକମାନଙ୍କ ମିଳିତ ମଞ୍ଚ ଟିୟୁଏସିସିର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ପରିବହନ ଶ୍ରମିକ ସଂଘର ନେତା ରାଜକିଶୋର ଲେଙ୍କା ସାଧାରଣ ସଭାରେ ଅଧ୍ୟକ୍ଷତା କରିଥିଲେ। ସିଆଇଟିୟୁ ତରଫରୁ ପ୍ରେମରଞ୍ଜନ ପାତ୍ର, ବିଦ୍ୟୁତ୍ ଶ୍ରମିକମାନଙ୍କ ତରଫରୁ ସତ୍ୟରଞ୍ଜନ ବେହେରା, ଆଇଏନ୍‌ଟିୟୁସିର ଯୁବ ସଙ୍ଗଠନର ସଭାପତି ବିକାଶ ଦାସ, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, କଳକାରଖାନା ଶ୍ରମିକମାନଙ୍କ ତରଫରୁ ଗୋପୀନାଥ ଦାସ, ଉଠାଜଳସେଚନ କର୍ମଚାରୀ ସଂଘର ସହସମ୍ପାଦକ ଶରତ ଚନ୍ଦ୍ର ଦଳାଇ, ଆଇନଜୀବୀ ନିରଞ୍ଜନ ପରିଡ଼ା ଓ ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ପ୍ରମୁଖ ମିଳିତ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ବ୍ୟାଙ୍କ, ବୀମା, ପ୍ରତିରକ୍ଷା, ରିକ୍ସାଚାଳକ ସଂଘ, ସଫେଇ ଶ୍ରମିକ ସଂଘ ଓ ବିଭିନ୍ନ କଳକାରଖାନାର ଶ୍ରମିକ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଥାନା ଆଗରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ବାସୁଦେବପୁର,୨।୫(ଡି.ଏନ.ଏ.)**

ଜମିଜମା ବିବାଦ ମାମଲାରେ ପୋଲିସ ଉପରେ ଅସନ୍ତୋଷ ପ୍ରକାଶ ପରି ଶନିବାର ଅପରାହ୍ନରେ ବାସୁଦେବପୁର ଥାନା ସମ୍ମୁଖରେ ଅରଣ୍ଡୁଆ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ତାରାମଣି ବିଶ୍ୱାଳ ନାମ୍ନୀ ମହିଳା ଆତ୍ମାହୁତି ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ କେତେଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିଥିଲେ। ଫଳରେ ସେ ଦେହରେ କିରୋସିନ ଢାଳି ଦେଇଥିବା ବେଳେ ନିଆଁ ଲଗାଇ ପାରି ନ ଥିଲେ। ତାରାମଣିଙ୍କ କହିବା ଅନୁଯାୟୀ, ତାଙ୍କ ସହ ଜଣେ ପଡ଼ୋଶୀଙ୍କର ଜମି ଓ ଘର ବିବାଦ ଲାଗି ରହିଥିବା ନେଇ ସେ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆ ନ ଯିବାରୁ ଅପରପକ୍ଷ ବିବାଦୀୟ ଜମିରେ ଘର କରି ଦେଇଛନ୍ତି। ଏହି ଘଟଣାରେ ପୋଲିସ ଚୁପ୍ ରହିଥିବାରୁ ସେ ଏଭଳି ପଦକ୍ଷେପ ନେବାକୁ ବାଧ ହେଲେ ବୋଲି କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ଗୌରାଙ୍ଗ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ କହିଥିଲେ, ସମ୍ପୃକ୍ତ ମହିଳା ଓ ତାଙ୍କ ପଡ଼ୋଶୀଙ୍କ ମଧ୍ୟରେ ପୂର୍ବରୁ ଜମି ବିବାଦ ଲାଗିରହିଥିଲା। ଥାନାରେ ଏ ନେଇ ଏକ ମାମଲା ମଧ ରୁଜୁ ହୋଇଛି। ଏହା ଏକ ଜମିଜମା ମାମଲା ହୋଇଥିବାରୁ ପୋଲିସ ଅଧିକ କିଛି ପଦକ୍ଷେପ ନେଇପାରୁ ନାହିଁ। ତେବେ ମହିଳାଙ୍କ ଅଭିଯୋଗ ଆଧାରରେ ତଦନ୍ତ କରାଯିବ।

# ରକ୍ତଦାନ ଶିବିର: ୩୪୦ ୟୁନିଟ୍ ସଂଗ୍ରହ

**ବାଲେଶ୍ୱର ଅଫିସ, ୨।୫**

ବାଲେଶ୍ୱର ଜିଲା ପାଣିଟାଙ୍କି ସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ଓଡ଼ିଶା ମୋ ପରିବାର ଏବଂ ବିଜୁ ଛାତ୍ର ଜନତାର ଦଳର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସ୍ୱରୂପ କୁମାର ଦାସ ଏବଂ ସମାଜସେବୀ ସୁବାସିନୀ ଜେନା ମିଳିତ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରୁ ମୋଟ୍ ୩୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।

ମେ' ଆରମ୍ଭରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ନିମନ୍ତେ ଟିକାକରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଟିକା ନେବା ପରେ ଆସନ୍ତା ୩ମାସ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ରକ୍ତଦାନ କରିପାରିବେ ନାହିଁ। ଏଥିପାଇଁ ଆଗାମୀ ଭବିଷ୍ୟତରେ ରକ୍ତ ଅଭାବ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ଆୟୋଜକ ଫକୀରମୋହନ କଲେଜର ପ୍ରାକ୍ତନ ସଭାପତି ତଥା ଛାତ୍ରନେତା ଶୁଭମ ସାଇ ମହାପାତ୍ର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ଓଡ଼ିଶା ମୋ ପରିବାରର ସଂଯୋଜକ ସାହିରୁଲ ହକ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ରନେତା ଅଭିଜିତ ବିଶ୍ୱାଳ, ଜଗନ୍ନାଥ ବେହେରା, ଉଜ୍ଜ୍ୱଳ ଦାସ, ରିମା ଜୋସେଫ, ବିଶ୍ୱଜିତ ମହାନ୍ତି, ମାନସ ଦାସ, କୁମାର ଚିନୁ, ଶାଶ୍ୱତ ବେହେରା, ଚିତ୍ତ ପଟ୍ଟନାୟକ, ଦେବବ୍ରତ ଭୂୟାଁ, ଦୁଷ୍ମନ୍ତ ପଣ୍ଡା, ଅଭିଜିତ ଦାସ, ଦେବକଲ୍ୟାଣ ଗିରି, ହରିହର ମନ୍ତ୍ରୀ, ବିବେକ ମହାନ୍ତି, ଜସ୍ମିତ ଗିଡି, ଲିଶା ଶର୍ମା, ଅଭିଷେକ ଶ, କୈଳାସ ନାଥ ପ୍ରମୁଖ ପରିଚାଳନା କରିଥିଲେ।



ଶିବିରରେ ଉପସ୍ଥିତ ବିଧାୟକ ସ୍ୱରୂପ କୁମାର ଦାସ, ସମାଜସେବୀ ସୁବାସିନୀ ଜେନା ଓ ଅନ୍ୟମାନେ।

# ବେଆଇନ ଲୁହା ସ୍କ୍ରାପ ଗୋଦାମ ଠାବ, ୨ ଗିରଫ

**ବଡବିଲ, ୨।୫(ସ୍ୱ.ପ୍ର)**

କେନ୍ଦୁଝର ଜିଲା ବଡବିଲ ପୋଲିସ ଶନିବାର ରାତିରେ ଭୁଷୁଗାଁସ୍ଥିତ ସୁଶୀଲ ତ୍ରିପାଠୀଙ୍କ ଘର ପରିସରରେ ଚାଲିଥିବା ଏକ ବେଆଇନ ଲୁହା ସ୍କ୍ରାପ ଗୋଦାମ ଗୃହକୁ ପୋଲିସ ଠାବ କରିବା ସହ ସେଠାରୁ ୧୬ଟି ବାଇକ ଜବତ କରିଛି। ଏହି ଘଟଣାରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୁଶୀଲ ତ୍ରିପାଠୀ ଏବଂ ସରାବୁଦ୍ଦିନ ସେଖ୍। ତେବେ ଘର ମାଲିକ ସୁଶୀଲ କିମ୍ବା ସରାବୁଦ୍ଦିନ ଅନ୍ୟ ୧୬ ଟିଯାକ ବାଇକର କୌଣସି କାଗଜପତ୍ର ଦେଖାଇବାରେ ଅସମର୍ଥ ହୋଇଥିବାବେଳେ ପୋଲିସର ତଦନ୍ତ ଜାରି ରହିଛି। ଏ ନେଇ ବଡବିଲ ଥାନାରେ ଏକ ମାମଲା (ନଂ ୭୨/୨୧) ରୁଜୁ ହୋଇଥିବା ଜଣାପଡିଛି।

# ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ପାଟଣା,୨।୫(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡ ବିଟ ବଣ ମହୁଲଡିହା ଗ୍ରାମର ଜଣେ ବ୍ୟକ୍ତି ଶନିବାର ଅପରାହ୍ନରେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ରଇବୁ ମହାରଣା। ଭାଲୁ ଆକ୍ରମଣରେ ରଇବୁଙ୍କ ମୁହଁ ଓ ଡାହାଣ ହାତ ପାପୁଲିରେ ଗଭୀର କ୍ଷତ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଶ୍ରମିକ ଦିବସ

**ବନ୍ତ,୨।୫(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ବଜାର ନିକଟସ୍ଥ ଟିକିରାଠାରେ ସିଆଇଟିୟୁ, ବନ୍ତ ଆଞ୍ଚଳିକ କମିଟି ଓ ସିପିଆଇଏମ୍ ଆଗରପଡ଼ା ଶାଖା ପକ୍ଷରୁ ଶନିବାର କୋଭିଡ୍ ନିୟମ ମାନି ଶ୍ରମିକ ଦିବସ ପାଳନ କରାଯାଇଥିଲା। ବରିଷ୍ଠ ପ୍ରାଧ୍ୟାପକ ତଥା ଓଡ଼ିଶା କୃଷକ ସଭାର ଜିଲା ଆବାହକ ପ୍ରଭାସ ଚନ୍ଦ୍ର ମହାପାତ୍ର ଲାଲ ପତାକା ଉତ୍ତୋଳନ କରିଥିଲେ। ଆବାହକ ଯୁବନେତା ଆଇନଜୀବୀ ପ୍ରତାପ କୁମାର ସେଠୀ, ଶ୍ରୀରାମ ସ୍ୱରୂପ ମହାପାତ୍ର, ରୋଜାଲିନ ସାମ୍ୟବାଦୀ, ସନ୍ତୋଷ କୁମାର ମହାପାତ୍ର, ପ୍ରମୋଥ ମହାପାତ୍ର, ଛାତ୍ରନେତା ଅଭିଳାଷ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଦେଶରେ ଶ୍ରମିକ ଓ କୃଷକମାନଙ୍କ ଅଧିକାର, ସାମାଜିକ ନିରାପତ୍ତା ପ୍ରତି ସରକାର ଦୃଷ୍ଟି ଦେଉ ନ ଥିବା ସେମାନେ ମତବ୍ୟକ୍ତ କରିଥିଲେ। ସୁକାନ୍ତି ପ୍ରଧାନ, ଗେହ୍ଲି ବେହେରା, ଚମ୍ପା ଓଝା, ଭଗବାନ ପଲେଇ, ଗୁଡୁ ସିଂହ, ମହେଶ୍ୱର ନାୟକ, ରକ୍ଷାକର ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଆଗରପଡ଼ାରେ ଶ୍ରମିକ ଦିବସ ପାଳନ ଅବସରରେ ସିଆଇଟିୟୁ, ବନ୍ତ ଆଞ୍ଚଳିକ କମିଟି ଓ ସିପିଆଇଏମ୍ ସଦସ୍ୟ।

# ପାଇପ୍ ଥାଇ ଆସୁନି ପାଣି

**କେନ୍ଦୁଝର, ୨।୫(ସ୍ୱ.ପ୍ର.)**

- ଢେଙ୍କାପୁର ଶାସନରେ ଜଳ ସମସ୍ୟା
- ଘରକୁ ଘର ସଂଯୋଗ ହୋଇଛି
- ପାଣି ବଦଳରେ ପବନ ବାହାରୁଛି

କେନ୍ଦୁଝର ଜିଲା ମୁଖ୍ୟାଳୟ ଢେଙ୍କାପୁର ଶାସନରେ ପାଣି ସମସ୍ୟାକୁ ନେଇ ଲୋକେ ଅତିଷ୍ଠ ହୋଇ ପଡିଛନ୍ତି । ପାଇପ ବିଛାଯାଇଛି ଏବଂ ଘର ଘର କୁ ସଂଯୋଗ ହୋଇଛି କିନ୍ତୁ ପାଣି ବାହାରୁ ନାହିଁ । କେବଳ ପବନ ବାହାରୁଛି । ଲୋକ ମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ ହେଉଛନ୍ତି । ଏପରିକି ଏନେଇ ନିଜେ ଜନସ୍ୱାସ୍ଥ୍ୟ ବିଭାଗକୁ ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବାରୁ ପାଣି ସମସ୍ୟା ଉତ୍କଟ ହୋଇ ପଡୁଛି । ପାଖାପାଖି ୫୦୦ ଲୋକ ଏହା ଦ୍ୱାରା ଅସୁବିଧା ଭୋଗୁଥିବା କହିଛନ୍ତି। ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗ ସଫଳ ପାଇପ ଲାଇନ ବିଛାଯାଇ ପାଣି ପହଞ୍ଚାଯାଉଥିବା ବାଃ ବାଃ ନେଉଥିବା ସ୍ଥାନୀୟ ଢେଙ୍କାପୁର, ପାତ୍ରସାହି ତଥା ପୋଖରୀ ସାହି ଲୋକ ମାନେ ଅଭିଯୋଗ କରିଛନ୍ତି।



ପାଣି ନ ଥିବା ଏକ କୂଅ।

ଖରାରେ ଲୋକ ମାନେ କେଉଁଠୁ ପାଣି ଆଣିବେ କିପରି ଚଳିବେ ସେ ନେଇ ଚିନ୍ତାରେ ରହୁଛନ୍ତି ବୋଲି ସାହିର ଦୀପକ ରଞ୍ଜନ ପତି କହିଛନ୍ତି ।

ପ୍ରକାଶ ଯେ ପ୍ରବଳ ଗରମ ଯୋଗୁ କୂଅ ପୋଖରୀରେ ପାଣି ଶୁଖିଯାଉଥିବାରୁ ପାଇପ ପାଣି ଏକ ମାତ୍ର ସାହା ଭରସା ହୋଇଥିବା ବେଳେ ଏହି ସମସ୍ୟା ସମସ୍ତଙ୍କ ନିଦ ହଜାଇ ଦେଇଛି । ପାଣି ପାଇଁ ସାହିବାସୀ ସାହିରେ ଥିବା ଏକ ରାଜାରାଜୁଡା ଅମଳର ଏକ କୂଅ ଉପରେ ନିର୍ଭର କରୁଛନ୍ତି। ତେବେ ପଙ୍କରେ କୂଅ ପୋତି ହୋଇ ଯାଉଥିବାରୁ ପାଣି ରହୁନାହିଁ। ଏନେଇ ଅଭିଯୋଗ କଲେ ମଧ ପଙ୍କ ଉଦ୍ଧାର କରାଯାଉନାହିଁ। କରୋନା ମହାମାରୀ କେନ୍ଦୁଝର ସହରରେ ସବୁଠାରୁ ଅଧିକ ଲୋକଙ୍କୁ ଆକ୍ରାନ୍ତ କରିଛି। ଏଣୁ ଏଭଳି ପରିସ୍ଥିତିରେ ପାଣି ପାଇଁ ସାହିବାସୀ ଡହଳ ବିକଳ ହେଉଥିବା ବେଳେ ପଦାକୁ ବାହାରିବାକୁ ଡରୁଛନ୍ତି। ଏଣୁ ଏହାର ତୁରନ୍ତ ପ୍ରତିକାର କରିବା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ନଚେତ ବାଧ୍ୟ ହୋଇ ସାହିବାସୀ ଗରା ବାଲଟି ଧରି ପ୍ରତିବାଦ କରିବେ ବୋଲି ଜଣାଇଛନ୍ତି।

